بسم الله الرحمن الرحيم

**ଖୁତ୍‌ବା ଜୁମା ୧୬ ଡ଼ିସେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ୍ (ୟୁ.କେ)**

# ହଜରତ୍ ମସିହ୍ ମଉଦ୍ ଅ.ସ.ଙ୍କ ବିଶ୍ୱାସବର୍ଦ୍ଧକ ଆଲେଖ୍ୟ ଅନୁଯାୟୀ ଦୁଆର ବାସ୍ତବତା, ନିୟମବିଧି, ଆବଶ୍ୟକତା ଓ ତତ୍‌ସଂକ୍ରାନ୍ତୀୟ ଆମମାନଙ୍କ ଦାୟିତ୍ୱର ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ଦୁଆ ସଂକ୍ରାନ୍ତରେ ଅନେକ ଲୋକମାନେ ନାନା ପ୍ରଶ୍ନ କରିଥାଆନ୍ତି । ଦୁଆ ଏବଂ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ପରିକଳ୍ପିତ କୁମନ୍ତ୍ରଣା ଅନୁଯାୟୀ ନାସ୍ତିକବାଦୀ ସମର୍ଥନକାରୀମାନେ ଏହିଭଳି ପ୍ରଶ୍ନ କରିଥାଆନ୍ତି ଏବଂ ନାସ୍ତିକବାଦୀମାନଙ୍କର ଈଶ୍ୱରଙ୍କ ଠାରୁ ଦୂରେଇ ଦେବାର ହୀନ ପ୍ରୟାସ ବର୍ତ୍ତମାନ ମଧ୍ୟ ଅବ୍ୟାହତ ରହିଛି । ବେଳେବେଳେ ଏହିଭଳି ପ୍ରତିକୂଳ ପରିସ୍ଥିତିରେ ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମନ ମସ୍ତିଷ୍କରେ ମଧ୍ୟ ଏହି ପ୍ରକାରର ଶୈତାନୀ ଚିନ୍ତାଧାରା କୁପ୍ରଭାବ ପକାଇଥାଏ, ମନରେ ଶଙ୍କା ମଧ୍ୟ ଉତ୍ପନ୍ନ ହୋଇଥାଏ । ସ୍ୱଳ୍ପ ଜ୍ଞାନ ଥିବା ଲୋକମାନେ ଭ୍ରମର ଶିକାର ହୋଇଯାଇଥାନ୍ତି । ସାଧାରଣ ପରୀକ୍ଷା ଫଳରେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଓ ତାହାଙ୍କ ଦ୍ୱାରା ଦୁଆ ସ୍ୱୀକୃତ ହେବା ସଂକ୍ରାନ୍ତରେ ପ୍ରଶ୍ନ କରିଥାଆନ୍ତି ଏବଂ ଅଭିଯୋଗ ମଧ୍ୟ କରିଥାଆନ୍ତି ଯେ, ଆମମାନଙ୍କର ଦୁଆ ସ୍ୱୀକାର ହେଲା ନାହିଁ ।

ସୁତରାଂ ଆଜି ମୁଁ ଦୁଆ ପ୍ରସଙ୍ଗରେ ହ. ମସିହ୍ ମଉଦ୍ ଅ.ସଙ୍କ କଥନ ଅନୁଯାୟୀ କେତେକ ପ୍ରସଙ୍ଗ ଉପରେ ଆଲୋକପାତ କରିବି । ହୁଜୁର ଅ.ସଙ୍କ ଲେଖନୀ ମଧ୍ୟରେ ଦୁଆର ବାସ୍ତବତା, ନିୟମାବଳୀ, ଆମମାନଙ୍କର ଦାୟିତ୍ୱ, ଦୁଆର ଆବଶ୍ୟକତା, ପ୍ରାସଙ୍ଗିକତା ଏବଂ ଅଲ୍ଲାଃତାଲାଙ୍କ ଉପରେ ଥିବା ବିଶ୍ୱାସ ସଂକ୍ରାନ୍ତରେ ଅନେକ ବ୍ୟାଖ୍ୟା ମହଜୁଦ୍ ରହିଛି । ସୁତରାଂ ତତ୍‌ସଂକ୍ରାନ୍ତରେ ଉତ୍ତମ ପରିସ୍ଥିତିରେ ମଧ୍ୟ ଆମମାନଙ୍କୁ ଦୁଆ ପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ । କାରଣ ଜଟିଳ ପରିସ୍ଥିତିରେ ମଧ୍ୟ ଆମମାନଙ୍କର ଦୁଆ ଗ୍ରହଣୀୟ ହେବ । ସୁତରାଂ ହ. ମସିହ୍ ମଉଦ୍ ଅ.ସ କହୁନ୍ତି, "**ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନିଜର ଦୟାବତୀର୍ଣ୍ଣ କରନ୍ତି ଯିଏ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ମଧ୍ୟ ଅଲ୍ଲାଃତାଲାଙ୍କୁ ସେହିଭଳି ଭୟ ପ୍ରଦର୍ଶନ କରିଥାଏ ଯେଉଁଭଳି କୌଣସି ବିପତ୍ତିର ସମ୍ମୁଖୀନ ହେଲେ ସେ ଅଲ୍ଲାଃତାଲାଙ୍କୁ ଭୟ କରେ । ସୁତରାଂ ଯେଉଁ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ସମୟରେ ଅଲ୍ଲାଃତାଲାଙ୍କୁ ପାସୋରି ଦେଇ ଏବଂ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଉପଭୋଗ କରି ନିଜର ଜୀବନକୁ ଅତିବାହିତ କରିଥାଏ ଓ ବିପତ୍ତି ସମୟରେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିଥାଏ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ଦୁଆ କଦାପି ଗ୍ରହଣୀୟ ହୋଇ ନଥାଏ । ଅତଃ ବିପତ୍ତି ଅବତୀର୍ଣ୍ଣ ହେବା ସମୟରେ ତା' ପାଇଁ କ୍ଷମା ପ୍ରାର୍ଥନାର ଦ୍ୱାର ବନ୍ଦ ହୋଇଯାଇଥାଏ ।**"

ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଦୁଆ କରିବା ସମୟରେ ମନୁଷ୍ୟର କେଉଁଭଳି ଅବସ୍ଥା ରହିବା ଉଚିତ ଏବଂ ଦୁଆ କରିବାର କ'ଣ ସବୁ ନିୟମବିଧି ରହିଛି ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କହୁନ୍ତି, ପ୍ରଭୁଙ୍କୁ ମାଗିବା ପାଇଁ ଶିଷ୍ଟତା, ସଭ୍ୟତାମୂଳକ ଆଚରଣ ତଥା ନିମୟବିଧି ଏକାନ୍ତ ଅପରିହାର୍ଯ୍ୟ । ବୁଦ୍ଧିମାନ ବ୍ୟକ୍ତି ଯେତେବେଳେ ସମ୍ରାଟଙ୍କୁ କୌଣସି ବସ୍ତୁ ଭିକ୍ଷା କରନ୍ତି ସେତେବେଳେ ସେମାନେ ଶିଷ୍ଟତା, ଶାଳୀନତା ଏବଂ ବିନମ୍ରତାକୁ ସର୍ବଦା ମନେରଖି ଥାଆନ୍ତି । ଏଣୁ ସୁରାଃ ଫାତିହାରେ ଅଲ୍ଲାଃତାଲା ଏହି ଶିକ୍ଷା ପ୍ରଦାନ କରିଛନ୍ତି ଯେ, ପ୍ରଭୁଙ୍କ ନିକଟରେ କିପରି ଗୁହାରି ହୋଇ ଭିକ୍ଷାର୍ଜନ କରିବା ଉଚିତ୍। ଅତଃ ଅଲ୍ଲାଃତାଲା କହିଲେ ଯେ, **ଅଲ୍‌ହମ୍‌ଦୁ ଲିଲ୍ଲାଃହି ରବ୍‌ବିଲ୍ ଆଲମିନ୍** । ଅର୍ଥାତ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା ଅଟନ୍ତି । ସେ **ଅର୍ ରହେମାନ୍** ଅର୍ଥାତ ଅଶେଷ ଦୟାବାନ । ଅର୍ଥାତ ତାହାଙ୍କୁ କିଛି ନମାଗି ମଧ୍ୟ ସେ ଆମକୁ ଅନେକ କିଛି ପ୍ରଦାନ କରିଛନ୍ତି । **ଅର୍ ରହିମ୍** ଅର୍ଥାତ ସଦା କରୁଣାମୟ । କହିବାର

ତାତ୍ପର୍ଯ୍ୟ ଏହିକିଯେ, ପ୍ରକୃତ ପରିଶ୍ରମ କରିବା ଦ୍ୱାରା ଅଲ୍ଲାଃତାଲା ଶ୍ରମର ସଠିକ୍ ମୂଲ୍ୟ ତଥା ଉତ୍ତମ ଫଳ ପ୍ରଦାନ କରିଥାଆନ୍ତି।

ହୁଜୁର ଅନୱର୍ ଅ.ବ କହିଲେ, '**ପ୍ରକୃତ ପରିଶ୍ରମ**' ଶବ୍ଦ ଏକ ବିଚାରଯୋଗ୍ୟ ଶବ୍ଦ ଅଟେ । ପ୍ରକୃତ ଶ୍ରମର ସ୍ତର ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ସ୍ୱୟଂ ବର୍ଣ୍ଣନା କରିଛନ୍ତି ଏବଂ ତାହା ହେଲା, **ଜିହାଦ୍** (କଠିନ ପରିଶ୍ରମ) କରିବାକୁ ପଡ଼ିଥାଏ । ପୁନଶ୍ଚ ଅଲ୍ଲାଃତାଲା କହନ୍ତି, **ମାଲିକି ୟୌମିଦ୍ଦୀନ୍** ଅର୍ଥାତ ବିଚାର ଦିବସର ଓ ଇହଜଗତର ପ୍ରଭୁ । ସୁତରାଂ ମନୁଷ୍ୟ ଯେତେବେଳେ ଏହି ପ୍ରକାରର ପ୍ରଶଂସା କରିଥାଏ ତେବେ ତା' ମନରେ ଏହି ଚିନ୍ତାଧାରା ଉତ୍ପନ୍ନ ହୁଏ ଯେ, ତା'ର ପାଳନକର୍ତ୍ତା କେତେ ବଡ଼ ଓ ମହାନ ଅଟନ୍ତି । ଭକ୍ତ ଯେତେବେଳେ ଅଲ୍ଲାଃତାଲାଙ୍କୁ ବିଦ୍ୟମାନ ବୋଲି ବିଚାର କରି **ଇୟାକା ନାବୁଦୁ ୱଇୟାକା ନସ୍ତଇନ୍**ର ଆବୃତ୍ତି କରେ ଅର୍ଥାତ ହେ ଅଲ୍ଲାଃ ! ଆମେମାନେ ତୁମର ହିଁ ଉପାସନା କରୁଅଛୁ ଓ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ । **ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍- ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍** ଅର୍ଥାତ ତୁମ୍ଭେ ଆମକୁ ସତ୍‌ମାର୍ଗରେ ପରିଚାଳିତ କରାଅ । ସେହି ବ୍ୟକ୍ତିମାନଙ୍କ ମାର୍ଗରେ, ଯେଉଁମାନଙ୍କୁ ତୁମ୍ଭେ ପୁରସ୍କୃତ କରିଅଛ । **ଗୈରିଲ୍ ମଗ୍‌ଜୁବି ଅଲୈହିମ୍ ୱଲଜ୍ଜାଲ୍ଲିନ୍** । ଯେଉଁମାନଙ୍କ ଉପରେ (ପରେ ତୁମ୍ଭର) ପ୍ରକୋପ ଅବତୀର୍ଣ୍ଣ, ହୋଇ ନାହିଁ କି ପରବର୍ତ୍ତୀ ସମୟରେ ସେମାନେ ମାର୍ଗଭ୍ରଷ୍ଟ ହୋଇ ନାହାନ୍ତି । ହୁଜୁର ଅ.ସ କହିଲେ, **ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍**ର ସକଳ ପ୍ରଶଂସା ଏବଂ ସକଳ ଧର୍ମର ମାର୍ଗ ଯଥାର୍ଥ ଅଟେ । ଅର୍ଥାତ ଯେପରି ଅଲ୍ଲାଃତାଲାଙ୍କର କୌଣସି ଆକାର ଏବଂ କୌଣସି ସୀମା ନାହିଁ ଠିକ୍ ସେହିପରି ତାହାଙ୍କ ସ୍ତର ଓ ଶ୍ରେଣୀର ମଧ୍ୟ କୌଣସି ସୀମା ନାହିଁ ।

ହୁଜୁର ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଦୁଆ ଅତ୍ୟନ୍ତ ବୈଚିତ୍ର୍ୟମୟ ବସ୍ତୁ ଅଟେ । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଦୁଆ ଗ୍ରହଣୀୟ ହେବାର ଯେଉଁସବୁ ନିୟମାବଳୀ ଓ ସର୍ତ୍ତାବଳୀଗୁଡ଼ିକ ରହିଛି ସେହି ନିୟମାବଳୀ ସହିତ ଦୁଆକାରୀ ସଠିକ୍ ରୂପେ ଅବଗତ ନଥାଏ । ବାସ୍ତବ ରୂପେ କହିବାକୁ ଗଲେ ଦୁଆର ବାସ୍ତବତାକୁ ଲୋକମାନେ ସଂପୂର୍ଣ୍ଣ ରୂପେ ପାସୋରି ବସିଛନ୍ତି । ଦୁଆକାରୀର ଧୈର୍ଯ୍ୟ ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଦେଖ ! ଦୁଆ ଏଭଳି ଏକ ଅବସ୍ଥା ଯେପରିକି ଏକ କୃଷକ ନିଜ ଜମିରେ ବିହନ ବୁଣି ଦେଇ ଆସିଥାଏ । ପ୍ରକାଶ୍ୟ ରୂପେ କହିଲେ ଉକ୍ତ ବ୍ୟକ୍ତି ଜଣକ ଏକ ଉନ୍ନତ ମାନର ବିହନ ଜମିରେ ବୁଣିଦେଲା ଏବଂ ବୁଦ୍ଧିମାନ କୃଷକ ଭଲ ଭାବରେ ଜାଣେ ଯେ, ସେହି ବିହନ କେବେ ଫଳ ପ୍ରଦାନ କରିବ । ଉକ୍ତ ବ୍ୟକ୍ତି ଜଣକ ଧୈର୍ଯ୍ୟପୂର୍ବକ ସେହି ବିହନର ରକ୍ଷଣାବେକ୍ଷଣ କରିଥାଏ ଏବଂ ଯତ୍ନ ନେଇଥାଏ । ଶେଷରେ ସେହି ସମୟ ଆସିଯାଏ ଯେତେବେଳେ ସେହି ଗଛଗୁଡ଼ିକରେ ଫଳ ଲାଗିଥାଏ । ଠିକ୍ ଏହିପରି ଅବସ୍ଥା ଦୁଆର ମଧ୍ୟ ରହିଛି ।

ହୁଜୁର ଅ.ସ କୁହନ୍ତି, ମୁଁ ନିଜର ଅଭିଜ୍ଞତା ଅନୁଯାୟୀ ଦେଖିଅଛି ଏବଂ ବିଗତ ସତ୍ୟବାଦୀ ବ୍ୟକ୍ତିମାନଙ୍କର ଅନୁଭବ ମଧ୍ୟ ଏହି ସାକ୍ଷ୍ୟ ପ୍ରଦାନ କରେ ଯେ, ଯଦି କୌଣସି ପ୍ରସଙ୍ଗରେ ଦୀର୍ଘ ସମୟ ଧରି ନୀରବତା ଅବଲମ୍ବନ କରି ଧୈର୍ଯ୍ୟ ପ୍ରଦର୍ଶନ କରାଯାଏ ତେବେ ଅବଶ୍ୟ ସଫଳତାର ଆଶା କରାଯାଇଥାଏ । ଅଲ୍ଲାଃତାଲା ଯେକି ଅଶେଷ ଦୟାବାନ୍ ଏବଂ ବିନୀତତା ତଥା ଲଜ୍ଜାକୁ ପସନ୍ଦ କରନ୍ତି, ସେ ଯେତେବେଳେ ଏହା ଉପଲବ୍ଧି କରନ୍ତି ଯେ, ତାହାଙ୍କ ଆଜ୍ଞାକାରୀ ଭକ୍ତ ଦୀର୍ଘ ସମୟ ଧରି ତାହାଙ୍କ ଆସ୍ଥାନ ଉପରେ ପଡ଼ି ରହି ପ୍ରାର୍ଥନା କରୁଛି ସେତେବେଳେ ଉକ୍ତ ଭକ୍ତର ପରିଣାମ କେବେହେଲେ ମନ୍ଦ ହୋଇ ନଥାଏ । ଅର୍ଥାତ ଯେପରି ଏକ ଗର୍ଭବତୀ ମହିଳା ଚାରି ପାଞ୍ଚ ମାସ ପରେ ଯଦି ଏହା କୁହେ କି ଏହି ମୁହୂର୍ତ୍ତରେ ମୋର ସନ୍ତାନ କାହିଁକି ଜନ୍ମ ହୋଇଯାଉ ନାହିଁ ? ସେହିପରି ସେ ଏହି ଖିଆଲରେ ଚିନ୍ତାଗ୍ରସ୍ତ ହୋଇ ଏବଂ ଆକାଂକ୍ଷିତ ହୋଇ ପ୍ରସବ ଔଷଧ ପାନ କରିନିଏ ତେବେ ସେତେବେଳେ କ'ଣ ତା'ର ସନ୍ତାନ ଜନ୍ମ ହୋଇଯିବ ଅବା ଏକ ଦୁଃଖିତ ଅବସ୍ଥାରେ ସ୍ୱୟଂ ସେ ଚାପଗ୍ରସ୍ତ ହୋଇଯିବ କି ? ସେହିପରି ଯେଉଁ ବ୍ୟକ୍ତି ସମୟ ପୂର୍ବରୁ ଶୀଘ୍ରତା ପ୍ରଦର୍ଶନ କରେ ତେବେ ସେ କ୍ଷତି ହିଁ ସହ୍ୟ କରିଥାଏ । ହୁଜୁର ଅ.ସ କହିଲେ, କେବଳ ସେ କ୍ଷତି ସହ୍ୟ କରି ନଥାଏ ବରଂ ତା'ର ବିଶ୍ୱାସକୁ ମଧ୍ୟ ହାନୀ ପହଞ୍ଚିଥାଏ ଏବଂ ଏହିପରି ପରିସ୍ଥିତିରେ କେତେକ ଲୋକମାନେ ନାସ୍ତିକବାଦୀ ପାଲଟି ଯାଆନ୍ତି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଦେଖ! ହ. ଇବ୍ରାହିମ୍ ଅ.ସ ଅଲ୍ଲାଃଙ୍କ ନିକଟରେ ଏହି ପ୍ରାର୍ଥନା କରିଥିଲେ ଯେ, ତାହାଙ୍କ ସନ୍ତାନମାନଙ୍କ ମଧ୍ୟରୁ ଏକ ନବୀ ଆବିର୍ଭୂତ ହୁଅନ୍ତୁ । ଅତଏବ କ'ଣ ହ. ଇବ୍ରାହିମ୍ ଅ.ସଙ୍କର ଉକ୍ତ ଦୁଆଟି ସେହି ମୁହୂର୍ତ୍ତରେ ସ୍ୱୀକୃତ ହୋଇଯାଇଥିଲା କି ? ହ. ଇବ୍ରାହିମ୍ ଅ.ସଙ୍କ ଦୀର୍ଘ କାଳ ପରେ ମଧ୍ୟ କୌଣସି ବ୍ୟକ୍ତି ସ୍ୱପ୍ନରେ ସୁଦ୍ଧା ଏହା ଭାବି ନଥିଲା ଯେ, ତାଙ୍କ ଦୁଆର ପ୍ରଭାବ କିପରି ପ୍ରକାଶ

ପାଇବ ? କିନ୍ତୁ ରସୁଲୁଲ୍ଲାଃ ସ.ଅଙ୍କ ଆବିର୍ଭୂତ ହେବା ଦ୍ୱାରା ସେହି ଦୁଆ ପୂର୍ଣ୍ଣ ହୋଇଥିଲା ଏବଂ ତାହା ପୁଣି ଭବ୍ୟ ଢଙ୍ଗରେ ପୂର୍ଣ୍ଣ ହୋଇଥିଲା ।

ଦୁଆ ସ୍ୱୀକୃତ ହେବା ପାଇଁ ଶରୀର ଏବଂ ଆତ୍ମାର କିପରି ସଂପର୍କ ରହିବା ଉଚିତ ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପ୍ରକାଶ୍ୟ ନମାଜ ଏବଂ ରୋଜା (ଓଷା) ସହିତ ଯଦି ନିଷ୍ଠାପରତା ଏବଂ ସତ୍ୟବାଦୀତା ନାହିଁ ତେବେ ତାହା ନିଜ ମଧ୍ୟରେ କୌଣସି ବିଶେଷତା ରଖି ନଥାଏ । ଯୋଗୀ ଓ ସନ୍ନ୍ୟାସୀମାନେ ମଧ୍ୟ ନିଜ ନିଜ ସ୍ଥାନରେ ରହି ଅତ୍ୟନ୍ତ କଠିନ ଶାରୀରିକ ପରିଶ୍ରମ, ଅଭ୍ୟାସ ଏବଂ ତପସ୍ୟା କରିଥାଆନ୍ତି । ଏହି କଷ୍ଟ ସେମାନଙ୍କୁ କୌଣସି ଆତ୍ମ ତୃପ୍ତି ପ୍ରଦାନ କରି ନଥାଏ। ବରଂ ସେମାନେ କେବଳ ଶାରୀରିକ ତପସ୍ୟା ଓ ବ୍ୟାୟାମ ହିଁ କରି ଥାଆନ୍ତି ଯାହାର ଆତ୍ମା ସହିତ ସ୍ୱଳ୍ପ ସଂପର୍କ ରହିଥାଏ ଏବଂ ଆତ୍ମା ଉପରେ ଏହାର କୌଣସି ସକାରାତ୍ମକ ପ୍ରଭାବ ପଡ଼ି ନଥାଏ । କିନ୍ତୁ ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା କୁହନ୍ତି, **ଲଇଁ ୟନାଲ୍ଲାହୁ ଲୁହୁମୁହା ୱଲା ଦିମାଉହା ୱଲାକିନ୍ ୟନାଲୁହତ୍ ତକ୍‌ୱା ମିନ୍‌କୁମ୍** । ଅର୍ଥାତ ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ତୁମମାନଙ୍କ ଦ୍ୱାରା ଜେବହ୍ ହୋଇଥିବା ଜୀବର ରକ୍ତ, ମାଂସ ପହଞ୍ଚି ନଥାଏ ବରଂ ତୁମମାନଙ୍କର ଆନ୍ତରିକ ଧର୍ମପରାୟଣତା ଓ ନିଷ୍ଠା ହିଁ ତାହାଙ୍କ ନିକଟରେ ପହଞ୍ଚିଥାଏ । ଅତଃ ଯଦି ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ଜୀବର ରକ୍ତ, ମାଂସ ପହଞ୍ଚି ନଥାଏ ତେବେ କୁର୍ବାନୀ (ଜୀବକୁ ଜେବହ୍ କରିବା) ଦେବାର କାହିଁକି ଆବଶ୍ୟକତା ଓ ଏହାର କି ପ୍ରାସଙ୍ଗିକତା ରହିଛି ? ଏହିପରି ଭାବରେ ନମାଜ, ରୋଜା ଯଦି ଆତ୍ମା ସହିତ ସଂପର୍କିତ ତେବେ ପ୍ରକାଶ୍ୟମୂଳକ ନମାଜ ଓ ରୋଜାର କାହିଁକି ଆବଶ୍ୟକତା ରହିଛି ? ହୁଜୁର ଅ.ସ କହିଲେ, ଏକଥା ସତ୍ୟ ଯେ, ଯେଉଁ ଲୋକମାନେ ଶାରୀରିକ ପରିଶ୍ରମ ପରିତ୍ୟାଗ କରି ଦିଅନ୍ତି ସେମାନଙ୍କର ଆତ୍ମା ସେମାନଙ୍କୁ ସ୍ୱୀକାର କରି ନଥାଏ ଏବଂ ସେମାନଙ୍କ ଠାରେ ସେହି ନିର୍ଲୋଭତା ଏବଂ ଭକ୍ତି କଦାପି ସୃଷ୍ଟି ହୋଇପାରିବ ନାହିଁ ଯାହାକି ନମାଜ ଓ ରୋଜାର ପ୍ରକୃତ ଅଭିପ୍ରାୟ ଅଟେ । ଆଉ ଯେଉଁ ବ୍ୟକ୍ତିମାନେ ଶାରୀରିକ ପରିଶ୍ରମ କରନ୍ତି ଏବଂ ଆତ୍ମାକୁ ବିନିଯୋଗ କରନ୍ତି ନାହିଁ ତେବେ ସେମାନେ ମଧ୍ୟ ବିରାଟ ବଡ଼ ପ୍ରମାଦର ଶିକାର ହେବେ । ପ୍ରଭୁ ଆତ୍ମା ଓ ଶରୀର ଉଭୟକୁ ପରସ୍ପର ସହିତ ଜଡ଼ିତ ବୋଲି ଦର୍ଶାଇଛନ୍ତି । ଶରୀର ଉପରେ ଆତ୍ମାର ପ୍ରଭାବ ପଡ଼ିଥାଏ । ଉଦାହରଣ ସ୍ୱରୂପ ଯଦି ଜଣେ ବ୍ୟକ୍ତି କୃତ୍ରିମ ରୂପେ କ୍ରନ୍ଦନ କରେ ତେବେ ଏକ ସମୟରେ ଯାଇ ତା'କୁ ଅବଶ୍ୟ କାନ୍ଦ ଲାଗିଯିବ । ଠିକ୍ ସେହିପରି ନମାଜ ଯେଉଁଭଳି ଭାବରେ ଓ ଯେଉଁଭଳି ଅବସ୍ଥାରେ ଶରୀର ପକ୍ଷେ ଅପରିହାର୍ଯ୍ୟ । ଅର୍ଥାତ ନମାଜ ଅବସ୍ଥାରେ ଛିଡ଼ା ହେବା ଏଲଂ ରୁକୁ କରିବା ଫଳରେ ଆତ୍ମା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ ଏବଂ ଯେଉଁଭଳି ଭାବରେ ଶରୀର ଭିତରେ ବିନୀତତାମୂଳକ ଆଚରଣ ପ୍ରଦର୍ଶନ କରେ ଠିକ୍ ସେହିଭଳି ବିନୀତତା ଏବଂ ନିର୍ଲୋଭତାମୂଳକ ଅବସ୍ଥା ଆତ୍ମାରେ ମଧ୍ୟ ଉତ୍ପନ୍ନ ହୋଇଥାଏ । ଯଦିଓ ଅଲ୍ଲାଃତାଲା କେବଳ ସଜ୍‌ଦାକୁ ଗ୍ରହଣ କରନ୍ତି ନାହିଁ । କିନ୍ତୁ ସଜ୍‌ଦା ସହିତ ଆତ୍ମାର ଏକ ନିବିଡ଼ ସଂପର୍କ ରହିଛି । ତେଣୁ ନମାଜର ଶେଷ ଓ ଶୀର୍ଷ ସ୍ଥାନ ହେଉଛି ସଜ୍‌ଦା (ଷାଷ୍ଟାଙ୍ଗ ପ୍ରଣିପାତ) । ସୁତରାଂ ମନୁଷ୍ୟ ଯେତେବେଳେ ବିନୀତତା ଏବଂ ନିର୍ଲୋଭତାମୂଳକ ଅବସ୍ଥା ପର୍ଯ୍ୟନ୍ତ ଉପନୀତ ହୋଇଯାଏ ସେତେବେଳେ ସେ କେବଳ ସଜ୍‌ଦା ହିଁ କରିବାକୁ ବ୍ୟଗ୍ରତା ପ୍ରକାଶ କରିଥାଏ । ସୁତରାଂ ଯଥାର୍ଥରେ ଏହା କୁହାଯାଇପାରେ ଯେ, ଶରୀରକୁ ଆତ୍ମା ସହିତ ଏକ ବିଶେଷ ସଂପର୍କ ରହିଛି ।

ଉପରୋକ୍ତ ବ୍ୟାଖ୍ୟାର ଅତିରିକ୍ତ ଚର୍ଚ୍ଚା କରି ହୁଜୁର ଅ.ସ କୁହନ୍ତି, କେତେକ ଲୋକମାନେ କୁହନ୍ତି ଯେ, ସେମାନଙ୍କୁ ନମାଜରେ ଆନନ୍ଦ ପ୍ରାପ୍ତ ହେଉ ନାହିଁ । କିନ୍ତୁ ସେମାନେ ଏହା ଜାଣନ୍ତି ନାହିଁ ଯେ, ଆନନ୍ଦ ସେମାନଙ୍କ ଅଧୀନ ନଥାଏ ଏବଂ ଆନନ୍ଦର ଭିନ୍ନ ଭିନ୍ନ ସ୍ତର ମଧ୍ୟ ରହିଛି । ବେଳେବେଳେ ଜଣେ ବ୍ୟକ୍ତି ଘୋର ଅନ୍ୟାୟ, ଅତ୍ୟାଚାର ଏବଂ ଦୁଃଖ କଷ୍ଟ ସହ୍ୟ କରିଥାଏ କିନ୍ତୁ ସେହି ସେହି ଦୁଃଖ କଷ୍ଟକୁ ମଧ୍ୟ ଆନନ୍ଦ ଏବଂ ସ୍ୱାଦ ଭାବି ତାହାକୁ ଆଦରି ନେଇଥାଏ । ସମସ୍ତ ଆନନ୍ଦ, ସ୍ୱାଦ ଦୁଃଖ ପରେ ହିଁ ଆସିଥାଏ । ତେଣୁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସ୍ପଷ୍ଟ ରୂପେ ଏହା ଦର୍ଶାଇଛନ୍ତି ଯେ, **ଇନ୍ନା ମାଆଲ୍ ଉସ୍ରି ୟୁସ୍ରା** । ଅର୍ଥାତ ଦୁଃଖ ପରେ ସୁଖ ଅବଶ୍ୟ ଆସିଥାଏ । ଯଦି କୌଣସି ସୁଖ ପୂର୍ବରୁ ଦୁଃଖ ନାହିଁ ତେବେ ସେହି ସୁଖ, ସୁଖ ହୋଇ ରହିନଥାଏ । ଠିକ୍ ସେହିପରି ଯେଉଁ ଲୋକମାନେ ଏହା କୁହନ୍ତି ଯେ, ଆମମାନଙ୍କୁ ଉପାସନାରେ କୌଣସି ତୃପ୍ତି ବା ଆନନ୍ଦ ପ୍ରାପ୍ତ ହେଉ ନାହିଁ ସେମାନଙ୍କୁ ପ୍ରଥମେ ନିଜ ସ୍ଥାନରେ ବସି ଅନୁଧ୍ୟାନ ଓ ଆତ୍ମ ସମୀକ୍ଷା କରିବା ଉଚିତ ଯେ, ସେମାନେ ଉପାସନା ପାଇଁ କିପରି ଦୁଃଖକଷ୍ଟ ସହ୍ୟ କରୁଛନ୍ତି । ତେଣୁ ମନୁଷ୍ୟ ଯେଉଁଭଳି ଭାବରେ ଦୁଃଖକଷ୍ଟ ସହ୍ୟ କରିଥାଏ ସେହି ଦୁଃଖକଷ୍ଟ ଅପର ମୁହୂର୍ତ୍ତରେ ପରିବର୍ତ୍ତନ ସ୍ୱରୂପ ତା' ପାଇଁ ଆନନ୍ଦ ପାଲଟି ଯାଇଥାଏ । ହୁଜୁର ଅ.ସ କହିଲେ, ମୋର କହିବାର ତାତ୍ପର୍ଯ୍ୟ ଦୁଃଖ ନୁହେଁ । ଅର୍ଥାତ ମନୁଷ୍ୟ ନିଜକୁ ଅସଂଖ୍ୟ ଦୁଃଖକଷ୍ଟରେ ପକାଇ ସାମର୍ଥ୍ୟ ବହିର୍ଭୂତ

ଭାର ବହନ କରିବାର ଦାବି କରିଥାଏ । ବରଂ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯଥା ସମୟରେ ନମାଜ ପ୍ରତି ମଧ୍ୟ ପୂର୍ଣ୍ଣ ମନଯୋଗପୂର୍ବକ ସମସ୍ତ ସର୍ତ୍ତାବଳୀକୁ ପୂରଣ କରି ସେଥିପାଇଁ ନିଜକୁ ପ୍ରସ୍ତୁତ କରି ନମାଜ ପାଠ କରିବା ପାଇଁ ଉଦ୍ୟମ କରେ, ନିଜର ପ୍ରିୟ ନିଦ୍ରାକୁ ପରିତ୍ୟାଗ କରିଦିଏ ଓ ନିଜର ବାଣିଜ୍ୟ ବ୍ୟବସାୟକୁ ମଧ୍ୟ ବଳି ପକାଇଦେଇ ଯଥା ସମୟରେ ନମାଜ ପାଠ କରିବା ପାଇଁ ଉଦ୍ୟମ କରେ ସେତେବେଳେ ଅଲ୍ଲାଃତାଲାଙ୍କ ଭୟ ମଧ୍ୟ ନିଜ ମନରେ ପୋଷଣ କରିବା ଉଚିତ । ଏପରି କେତେକ ଲୋକମାନେ ଥାଆନ୍ତି ଯେଉଁମାନେ ସ୍ୱୟଂ ତ' କୌଣସି ପ୍ରକାରର ଦୁଃଖ କଷ୍ଟ ସହ୍ୟ କରି ନଥାଆନ୍ତି ଏବଂ ଏହା ଭାବନ୍ତି ଯେ, ଅନ୍ୟକୁ ଦୁଆ କରିବା ପାଇଁ କହି ଦେଲେ ନିଜର ସ୍ୱାର୍ଥ ହାସଲ ହୋଇଯିବ । ତେବେ ଏଭଳି ମାନସିକତା ରଖୁଥିବା ବ୍ୟକ୍ତିମାନେ ସଂପୂର୍ଣ୍ଣ ରୂପେ ଭ୍ରମରେ ପଡ଼ିଛନ୍ତି । ଠିକ୍ ସେହିପରି ଏକ ଅବସରରେ ହୁଜୁର ଅ.ସ ଏକ ବ୍ୟକ୍ତିକୁ କହିଲେ, ଆପଣ ଯଦି ସ୍ୱୟଂ ଧ୍ୟାନପୂର୍ବକ ଦୁଆ କରନ୍ତି ତେବେ ଯାଇ ମୋର ଦୁଆ ଫଳପ୍ରଦ ହେବ ଓ ଏହାର ସୁପ୍ରଭାବ ମଧ୍ୟ ଦୃଶ୍ୟମାନ ହେବ ।

ହୁଜୁର ଅନୱର୍ ଅ.ବ କହିଲେ, ଆଜିକାଲି ଧର୍ମ ଏବଂ ଈଶ୍ୱର ବିରୋଧୀ ଓ ନାସ୍ତିକବାଦୀ ସମର୍ଥନକାରୀମାନଙ୍କର ସମସ୍ତ ଧ୍ୟାନ ଉକ୍ତ ପ୍ରସଙ୍ଗ ପ୍ରତି କେନ୍ଦ୍ରିତ ହୋଇ ରହିଛି ଯେ, ଲୋକମାନଙ୍କ ମନରେ ଏହି କଥା ବସା ବାନ୍ଧି ଦିଆଯାଉଛି ଯେ, ଈଶ୍ୱର ତୁମକୁ କ'ଣ ଟା ଦେଇଛନ୍ତି ? ଧର୍ମ ତୁମକୁ ଆହୁରି ଆଳସ୍ୟପରାୟଣ କରିଦେଉଛି । ଧର୍ମ ମନ ଭିତରେ ଖାଲି କାଳ୍ପନିକ କଥା ଓ ଭ୍ରାନ୍ତ ଧାରଣା ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ ପ୍ରତ୍ୟେକ ଅହେମଦିର ଏହି କର୍ତ୍ତବ୍ୟ ହେବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କକୁ ଅଧିକ ସୁଦୃଢ କରାଯାଉ । ନିଜ ଉପାସନାର ସୁରକ୍ଷା ଓ ଦୁଆ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ହିଁ ଜଣେ ପ୍ରକୃତ ଅହେମଦିର ପରମ କର୍ତ୍ତବ୍ୟ ଅଟେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଆମ ଜମାଅତ୍ ପକ୍ଷେ ଏକଥା ଅନିର୍ବାର୍ଯ୍ୟ ଯେ, ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ବିଶ୍ୱାସ ସର୍ବଦା ଅଭିବୃଦ୍ଧି ପାଉଥାଉ, ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଈଶ୍ୱରଙ୍କୁ ଚିହ୍ନିବାର ଅଭିଳାଷା ସର୍ବଦା ମନ ଭିତରେ ଉଜ୍ଜୀବିତ ରହିଥାଉ । ପୁଣ୍ୟ କର୍ମ କରିବା ପ୍ରତି କୁଣ୍ଠାବୋଧ ପ୍ରକାଶ କରିବା ଏବଂ ଆଳସ୍ୟ ପରାୟଣ ପ୍ରଦର୍ଶନ ନକରୁ । କାରଣ ଆଳସ୍ୟ ପରାୟଣତା ଏବଂ କୁଣ୍ଠାବୋଧ ଯଦି ମନ ଭିତରେ ବସା ବାନ୍ଧି ନିଏ ତେବେ ନମାଜ ତହଜ୍ଜୁଦ୍ ପାଇଁ ନିଦରୁ ଉଠିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇ ପଡ଼ିବ। ନିୟମିତ ଫର୍ଜ ନମାଜ ପାଇଁ ୱୁଜୁ କରିବା ମଧ୍ୟ କଷ୍ଟ ଜଣାପଡ଼େ । ହୁଜୁର ଅ.ସ କହିଲେ, ପୁଣ୍ୟକର୍ମ ପାଇଁ ମନ ଭିତରେ ଯଦି ସାମର୍ଥ୍ୟ ଓ ଶକ୍ତି ଜାତ ନହୁଏ ଓ ପୁଣ୍ୟକର୍ମରେ ଅନ୍ୟମାନଙ୍କ ଠାରୁ ଆଗେଇ ଯିବାର ଯେଉଁ ଉତ୍ସାହ ରହିଛି ତାହା ଯଦି ନରହେ ତେବେ ସେପରିପ୍ରେକ୍ଷୀରେ ତୁମମାନଙ୍କର ମୋ ସହିତ ସଂପର୍କ ଯୋଡ଼ିବା ବୃଥା ସାବ୍ୟସ୍ତ ହେବ । ଅତଏବ୍ ଅତ୍ୟନ୍ତ ଚିନ୍ତା ଓ ଧ୍ୟାନର ସହିତ ଆମମାନଙ୍କୁ ନିଜର ସଂପର୍କ ଅଲ୍ଲାଃତାଲାଙ୍କ ସହିତ ବୃଦ୍ଧି କରିବା ପାଇଁ ଉଦ୍ୟମ କରିବା ଉଚିତ । ଯେତେବେଳେ ଏହିଭଳି ସଚ୍ଚୋଟ ସଂପର୍କ ଅଲ୍ଲାଃତାଲାଙ୍କ ସହିତ ସ୍ଥାପନ କରିବ ତେବେ ଦୁଆ ଗ୍ରହଣୀୟ ହେଉଥିବାର ଦୃଶ୍ୟ ଆମେମାନେ ସ୍ୱଚକ୍ଷୁରେ ଅବଶ୍ୟ ଅବଲୋକନ କରିବୁ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଖୁତ୍‌ବା ଶେଷରେ ହୁଜୁର ଅନୱର ଅ.ବ ପାକିସ୍ତାନ, ଉପଦ୍ୱୀପର ଅହେମଦିମାନଙ୍କ ପାଇଁ ବିଶେଷ ରୂପେ ଦୁଆ କରିବାକୁ ଆହ୍ୱାନ ଜଣାଇ କହିଲେ, ପାକିସ୍ତାନରେ ଅହେମଦିମାନଙ୍କ ଉପରେ ଜଟିଳରୁ ଜଟିଳତର ପରିସ୍ଥିତି ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି । ସେହିପରି ଆଜିକାଲି ଉପଦ୍ୱୀପରେ ମଧ୍ୟ ଏହି ବିରୋଧୀମାନଙ୍କର ଏକ ବିରୋଧ ଲହରୀ ଉଙ୍କି ମାରିଛି । ପ୍ରତ୍ୟେକ ସ୍ଥାନରେ ବାସ କରୁଥିବା ଅହେମଦିମାନଙ୍କୁ ଅଲ୍ଲାଃତାଲା ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ସମସ୍ୟାରୁ ଉଦ୍ଧାର କରନ୍ତୁ ଓ ଶତ୍ରୁପକ୍ଷକୁ ବିଫଳ ତଥା ଅକୃତକାର୍ଯ୍ୟ କରିଦିଅନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ଯହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ଯୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

..............................

KHULASA KHUTBA JUMA HUZOOR ANWAR a.b.a
16th Dec. 2022